## ପରିତ୍ୟକ୍ତ ଅବସ୍ଥାରେ ବ୍ୟବଚ୍ଛେଦ ଗୃହ

ବଇଣ୍ଡା,୨୧।୩(ଡି.ଏନ୍.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପାଠାରେ ଥିବା ବ୍ୟବଚ୍ଛେଦ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଶେଷକରି ଏହି ଘରଟି ବହୁ ବର୍ଷ ପୁରୁଣା ହୋଇଥିବାବେଳେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନୂତନ ଗୃହ ନିର୍ମାଣ କରାଯାଉ ନାହିଁ। ଏ ନେଇ ସୋମବାର ହଣ୍ଡପା ଗ୍ରାମବାସୀ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ୪୦ ବର୍ଷ ତଳେ ଏହି ଗୃହନିର୍ମାଣ ହୋଇଥିବାବେଳେ ତାହା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଶେଷକରି ଏହି ଗୃହରେ ହଣ୍ଡପା, କିଶୋରନଗର, ବଇଣ୍ଡା ଫାଣ୍ଡି ଅଞ୍ଚଳରେ ଘଟୁଥିବା ଦୁର୍ଘଟଣା ଓ ଅପମୃତ୍ୟୁ ମାମଲାରେ ମୃତଦେହ ଗୁଡିକ ବ୍ୟବଚ୍ଛେଦ କରାଯାଉଛି। ନିଛାଟିଆ ଅଞ୍ଚଳରେ ଏହି ଗୃହଥିବାବେଳେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହାକୁ ଭାଙ୍ଗି ନୂତନ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ପୂର୍ବରୁ ବହୁବାର ଜିଲା ପ୍ରଶାସନଠାରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ୭ ଦଫା ଦାବିରେ ତାତିଲା ଶ୍ରମିକ ସଙ୍ଗଠନ

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ



ମହାନଦୀ କୋଲଫିଲ୍ଡ କଣ୍ଟ୍ରାକଚୁଆଲ ଟ୍ରାନ୍ସପୋର୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରା।

ଅନୁଗୋଳ ଅଫିସ, ୨୧।୩

ଅନୁଗୋଳ ଜିଲା ତାଳଚେର ବ୍ଲକ ଗୋପାଳପ୍ରସାଦ ଅଞ୍ଚଳର ମହାନଦୀ କୋଲଫିଲ୍ଡ କଣ୍ଟ୍ରାକଚୁଆଲ ଟ୍ରାନ୍ସପୋର୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ୭ ଦଫା ସମ୍ବଳିତ ଦାବି ନେଇ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ଶ୍ରମିକ ସଙ୍ଗଠନ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି ଅନୁଗୋଳ ଷ୍ଟାଡିୟମ୍ ଠାରେ ପହଞ୍ଚିଥିଲେ। ଏହାପରେ ସେଠାରୁ ବୁଢ଼ିଠାକୁରାଣୀ ଛକ ଦେଇ ବଜାର ପରିକ୍ରମା ପରେ ଜିଲା କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ତାଳଚେର ବିଧାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, କଣିହାଁ ଠାରୁ ଲିଙ୍ଗରାଜ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ ଠିକା ଶ୍ରମିକ ଓ ଠିକା ସୁରକ୍ଷା କର୍ମୀମାନଙ୍କ ୭ ଦଫା ସିଆଇଏଲ ଏଚ୍‌ପିସି ମଜୁରି ପ୍ରଦାନ, ଠିକା ଶ୍ରମିକଙ୍କୁ ସ୍ଥାୟୀ ଶ୍ରମିକଙ୍କ ଭଳି ପୂଜା ପାର୍ବଣ ସମୟରେ ବୋନସ/ଏକ୍ସ-ଗ୍ରାସିଆ ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ଇଏସ୍ଆଇ ଅନ୍ତର୍ଭୁକ୍ତ କରିବା, ଏମ୍‌ସିଏଲ୍ ଠିକା ସୁରକ୍ଷା କର୍ମଚାରୀଙ୍କୁ କେନ୍ଦ୍ରୀୟ ସର୍ବନିମ୍ନ ମଜୁରି ପ୍ରଦାନ, କାର୍ଯ୍ୟ କରୁଥିବା ସମୟରେ ଠିକା ଶ୍ରମିକଙ୍କ ମୃତ୍ୟୁ ହେଲେ ଏକ୍ସ-ଗ୍ରାସିଆ ରାଶିକୁ ୫୦ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ଆଦି ଦାବି କରାଯାଇଛି। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ତାଳଚେର ବିଧାୟକ ପ୍ରଧାନ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଆସୋସିଏଶନର ସମ୍ପାଦକ ନରହରି ସାହୁ, ରଜେଶ ଦାସ, ଲିପୁନ ଭୁକ୍ତା, ଦିଲୀପ ପ୍ରଧାନ, ଚନ୍ଦ୍ରକାନ୍ତ ପ୍ରଧାନ, ମନୋଜ ସାହୁ, ଆଶିଷ ପ୍ରଧାନ, ତାଳଚେର ନିର୍ବାଚନମଣ୍ଡଳୀର ସମସ୍ତ ଜିଲା ପରିଷଦ ସଭ୍ୟା ସଭ୍ୟ। କଣିହାଁ ୯ନଂ. ଜୋନ୍ ଜିଲାପରିଷଦ ସଦସ୍ୟ, କଣିହାଁ ବ୍ଲକ ଅଧ୍ୟକ୍ଷା, ତାଳଚେର ପୌରପାଳିକା ଅଧ୍ୟକ୍ଷ, ତାଳଚେର ଓ କଣିହାଁ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ ଓ ଠିକା ଶ୍ରମିକ ସଙ୍ଗଠନର ସମସ୍ତ କର୍ମକର୍ତ୍ତା, ବିଜେଡିର ଛାତ୍ର, ଯୁବ, ମହିଳା କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

## ସମଲ ବ୍ୟାରେଜରେ ଛଡ଼ାଗଲା ୧୮ ଲକ୍ଷ ଯାଆଁଳ

କଣିହାଁ,୨୧।୩(ଡି.ଏନ୍.ଏ.)


ସମଲ ବ୍ୟାରେଜରେ ମାଛ ଯାଆଁଳ ଛଡ଼ାଯାଉଛି।

କଣିହାଁ ବ୍ଲକ ସମଲ ବ୍ୟାରେଜ ଜଳଭଣ୍ଡାର ବ୍ରାହ୍ମଣୀ ନଦୀ ଗହମ ଗ୍ରାମ ଡଙ୍ଗା ଘାଟଠାରେ ମାଛ ଯାଆଁଳ ଛଡ଼ାଯାଇଛି। ଜିଲା ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, କଣିହାଁ ବ୍ଲକ ଅଧ୍ୟକ୍ଷା ରାମକୃଷ୍ଣ ପ୍ରଧାନ, ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ରାଜେନ୍ଦ୍ର ପାତ୍ର, ସହକାରୀ ଅଧିକାରୀ ବିଜୟ ସାହୁ, ମହାକୁଡ ରାଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନତ ମାନର ରୋହି, ଭାକୁର, ମିରିକାଳି ଆଦି ୧୮ଲକ୍ଷ ଯାଆଁଳ ଛଡ଼ାଯାଇଥିଲା। ବ୍ରାହ୍ମଣୀ ନଦୀରେ ମାଛ ମାରି ସ୍ଥାନୀୟ ମତ୍ସ୍ୟଜୀବୀ ନିଜର ପରିବାର ପ୍ରତିପୋଷଣ କରନ୍ତି। ମାଛ ଜାଆଁଳ ଛାଡିବା ଦାରା ମାଛ ସଂଖ୍ୟା ବୃଦ୍ଧି ହେବା ସହିତ ମତ୍ସ୍ୟଜୀବୀମାନେ ସ୍ୱାବଲମ୍ବୀ ହେବେ। ବିଶେଷ ଭାବେ ବର୍ତ୍ତମାନଠାରୁ ତିନି ମାସ ପର୍ଯ୍ୟନ୍ତ ଛୋଟ ଜାଲରେ ମାଛ ଧରିବେ ନାହିଁ ବୋଲି ମତ୍ସ୍ୟଜୀବୀଙ୍କୁ କୁହାଯାଇଛି।

# ସବୁ ବର୍ଗର ଲୋକଙ୍କୁ ସାମିଲ କରାଯିବ


ବୈଠକରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ।

ଆଠମଲ୍ଲିକ,୨୧।୩(ଡି.ଏନ୍.ଏ.)

ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ଓଡ଼ିଶା ଦିବସ ପାଳନ ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତରଣୀ ସୁନା ଏଥିରେ ଅଧ୍ୟକ୍ଷତା କରିଥିଲେ। ତହସିଲଦାର ଯଶୋବନ୍ତ ଦେହୁରୀ, ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ସହକାରୀ ଜିଲାପାଳ ସୁଜିତ ଭୋଇ, ଉପଖଣ୍ଡ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ନୀଳାଚଳ ସେନାପତି, ବିଏସଏସଓ ନିକୁଞ୍ଜ ରଞ୍ଜନ ଦାସ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କହ୍ନର, ସିଆରସିସି ତିଳୋତ୍ତମା ସାହୁ, ଉପଖଣ୍ଡର ସମସ୍ତ କଲେଜ ଅଧ୍ୟକ୍ଷାଅଧ୍ୟକ୍ଷ, ପ୍ରାଥମିକ ଓ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ, ସମାଧାନ ସଙ୍ଗଠନ ସମ୍ପାଦକ ବିନୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ଓଡ଼ିଶା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଧୁମଧାମରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରାତଃରୁ ସହରରେ ରାମଧୁନ ପ୍ରସାରଣ ସହିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୂର୍ବାହ୍ନରେ ସମାଜର ସବୁ ବର୍ଗର ଲୋକମାନଙ୍କୁ ନେଇ ଏକ ମିନି ମାରାଥନ କରାଯିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସହକାରୀ ଜିଲାପାଳ କୁଳମଣି ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଠିକାଶ୍ରମିକଙ୍କ ବିଶାଳ ସମାବେଶ

କଣିହାଁ,୨୧।୩(ଡି.ଏନ୍.ଏ.)



ବିଜିଗୋଳ ରାମ ମନ୍ଦିର ପଡ଼ିଆଠାରେ ଏକ ବିଶାଳ ସମାବେଶ।

ଏନ୍‌ଟିପିସି କଣିହାଁରେ ନିଯୁକ୍ତ ଠିକା ଶ୍ରମିକଙ୍କ ନ୍ୟାୟସଙ୍ଗତ ଦାବିନେଇ ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍‌ଟିପିସି) କଣିହାଁ ପକ୍ଷରୁ ମଙ୍ଗଳବାର ବିଜିଗୋଳ ରାମ ମନ୍ଦିର ପଡ଼ିଆଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ସଭାପତି ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ୟୁନିୟନ ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକୀ ମଣ୍ଡଳୀ ସଭ୍ୟ ସୁରେଶ ପ୍ରଧାନ ଯୋଗଦେଇ ଶ୍ରମିକଙ୍କ ନ୍ୟାୟ ସଙ୍ଗତ ଦାବି ଗୁଡିକ ପୂରଣ ପାଇଁ ଦାବି କରିଥିଲେ। ଏନଟିପିସି କଣିହାଁରେ କାର୍ଯ୍ୟରତ ଠିକାଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ଦୀର୍ଘ ବର୍ଷ ଧରି କାମ କରି ଆସୁଥିବା ଠିକାଶ୍ରମିକଙ୍କୁ ପଦନ୍ନୋତି, ଅବସର ନେଉଥିବା ଠିକାଶ୍ରମିକଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ସହ ତାଙ୍କ ପରିବାରରୁ ଜଣଙ୍କୁ ମେଣ୍ଟେନାନ୍ସରେ ନିଯୁକ୍ତି ଦେବା, କଣ୍ଟିଜେଣ୍ଟ ଶ୍ରମିକ ନାଁରେ ନିଯୁକ୍ତ ଠିକା ଶ୍ରମିକଙ୍କୁ ମେଣ୍ଟେନାନ୍ସ ଠିକା ଶ୍ରମିକ ଭଳି ସମାନ ମଜୁରି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା, ମେଡିକାଲ ଟେଷ୍ଟ ଆଦି ଦାବି କରାଯାଇଥିଲା। ୨୨ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନର ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଗନ୍ଧର୍ବ ନାଏକ, ନଳାମ୍ବର ତିରିଆ, ବୀରେନ୍ଦ୍ର ନାଏକ, ପ୍ରକାଶ ଗୋଛାୟତ, ସୁରେଶ ବେହେରା, ଗୌତମ ସାହୁ, ଅନିଲ ନାଏକ, ବାବୁଲି ସାହୁ, ସୁନିଆ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦୂଷଣ ରୋକିବାକୁ ବାଣ୍ଟିଲେ ବାର୍ତ୍ତା


ସାଇକେଲରେ ବୁଲି ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

ଅନୁଗୋଳ ଅଫିସ, ୨୧।୩

ଅନୁଗୋଳ ବନ୍ତଲା ଅଞ୍ଚଳର ସେକେଣ୍ଡ ଲାଇଟ୍ ୟୁଥ୍ ଆସୋସିଏଶନ ପକ୍ଷରୁ ଅନ୍ତର୍ଜାତୀୟ ବନ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ରଦୂଷଣ ରୋକିବା ସହ ସୁସ୍ଥ ଜୀବନଯାପନ ପାଇଁ ସଚେତନତା ବାର୍ତ୍ତା ବଣ୍ଟାଯାଇଥିଲା। ଆସୋସିଏଶନ ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଯୁବକମାନେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏକ ସାଇକେଲ ଶୋଭାଯାତ୍ରା କରିଥିଲେ। ବନ୍ତଲାଠାରୁ ଅନୁଗୋଳ ପର୍ଯ୍ୟନ୍ତ ସାଇକେଲରେ ଯାତ୍ରା କରି ପରିବେଶ ପ୍ରଦୂଷଣ ରୋକିବା ସହ ଗାଡ଼ି ଚାଳନା ପାଇଁ ବଢୁଥିବା ପ୍ରଦୂଷଣକୁ ସାଇକେଲ ଚଲାଇ ରୋକାଯାଇ ପାରିବ ବୋଲି ବାର୍ତ୍ତା ଦେଇଥିଲେ। ଏଥିସହ ପେଟ୍ରୋଲ ଓ ଡିଜେଲ ବ୍ୟବହାରକୁ ଆଗାମୀ ଦିନରେ କିଭଳି ବନ୍ଦକରି ସାଇକେଲରେ ଯାତାୟାତ କରାଯିବ ସେ ନେଇ ସଚେତନ କରିଥିଲେ। ଆସୋସିଏଶନ ସଭାପତି ସାହୁଙ୍କ ସହ ମୁକେଶ ସାହୁ, ସିଦ୍ଧାନ୍ତ ସାହୁ, ହାସ୍ୟଜିତ ସାହୁ, ବିମ୍ବେଶ୍ୱର ସାହୁ, ବିଶ୍ୱଜିତ ସାହୁ, ସୁଶାନ୍ତ ଦଳେଇ, ରାହୁଲ ଦଳେଇ, ଶୁଭେନ୍ଦୁ ସାହୁ, ଆଶୁତୋଷ ସାହୁ, ଆଲୋକ ଦଳେଇ ପ୍ରମୁଖ ଏହି ସାଇକେଲ ରାଲିରେ ସାମିଲ ହୋଇଥିଲେ।

# ସୁଷମା ସ୍ୱରାଜ ସମ୍ମାନ ପ୍ରଦାନ

ଅନୁଗୋଳ ଅଫିସ, ୨୧।୩

ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ପରିଚୟ ସୃଷ୍ଟି କରିପାରିଥିବା ମହିଳାମାନଙ୍କୁ ସୁଷମା ସ୍ୱରାଜ ସମ୍ମାନ ପ୍ରଦାନ କରି ସମ୍ମାନିତ କରାଯାଇଛି। ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ନିଷ୍ପତ୍ତି କ୍ରମେ ଜିଲାସ୍ତରରେ ଏଭଳି କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଥିଲା। ଏହି କ୍ରମରେ ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ମହିଳାମାନେ ସୁଷମା ସ୍ୱରାଜଙ୍କ ଭଳି ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଗୋଳ ପୌର ଉପାଧ୍ୟକ୍ଷା ଅନୁପମା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୁଷମା ସ୍ୱରାଜଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ ଦିଲୀପ ପ୍ରଧାନ ଯୋଗଦେଇ ଜିଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ଆଗକୁ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲାର ୧୨ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ସ୍ନେହମୟୀ ସାହୁ, ସାମାଜିକ କର୍ମୀ ଚିନ୍ମୟୀ, କବି ଅନିତା ପାଣି, ଆଇନଜୀବୀ ମମତା ପ୍ରଧାନ, ଆଶାକର୍ମୀ ପ୍ରତିମା ଗଡ଼ନାୟକ, ସୁଷମା ରଥ, ଫ୍ୟାଶନ ଡିଜାଇନର ପ୍ରୀତି ଧେନୁକା, କ୍ଲାସିକାଲ ଡ୍ୟାନ୍ସର ସ୍ୱପ୍ନାରାଣୀ ସିହ୍ନା, ସ୍ୱଚ୍ଛ ସେବିକା ନୟନା ନାଏକ, ବ୍ୟବସାୟୀ ପୁଷ୍ପା ଦାସ, ପରିବେଶବିତ ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀ ଓ ମୁକ୍ତିଶ୍ରୀ ଦାସଙ୍କୁ ସୁଷମା ସ୍ୱରାଜ ସମ୍ମାନରେ ସମ୍ମାନିତ କରାଯାଇଥିବା ଭାଜପା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି।



ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ମହିଳାମାନଙ୍କୁ ଭାଜପା ପକ୍ଷରୁ ସୁଷମା ସ୍ୱରାଜ ସମ୍ମାନ ପ୍ରଦାନ କରି ସମ୍ମାନିତ କରାଯାଇଛି।

## ସରକାରୀ ଉଦାସୀନତାର ଦୃଢ଼ ପ୍ରତିବାଦ



ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

ତାଳଚେର, ୨୧।୩ (ନି.ପ୍ର.)

### ଚଷା ସମାଜ ରାଜ୍ୟ କାର୍ଯ୍ୟକାରିଣୀ

ତାଳଚେର ବ୍ଲକ ସାଉଥ ବଲଣ୍ଡାସ୍ଥିତ ଆଇଏନଟିୟୁସି କାର୍ଯ୍ୟାଳୟ ଠାରେ ନିଖିଳ ଉତ୍କଳ ଚଷା ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଷା ଜାତିକୁ ଓବିସି ଶ୍ରେଣୀଭୁକ୍ତ କରାଯାଇଥିଲେ ସୁଦ୍ଧା ଉଚିତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ସରକାରୀ ଉଦାସୀନତାର ଦୃଢ଼ ପ୍ରତିବାଦ ସହ ପୁନର୍ବାର ଏହାକୁ କାର୍ଯ୍ୟକାରୀ କରିବାକୁ ସଙ୍ଗଠନ ତରଫରୁ ଦାବି କରାଯାଇଥିଲା। ଦାବ ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ତାଳଚେର ଚଷା ସମାଜ ସଙ୍ଗଠକ ଦିଗାମ୍ବର ଗଡନାୟକ ବୈଠକ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ତେଲକୋଇ, ହରିଚନ୍ଦନପୁର, ତାଳଚେର, ବଣେଇ, ଦେବଗଡ, ସମ୍ବଲପୁର, ପରଜଙ୍ଗ, ମହାବିରୋଡ, ଆଠମଲ୍ଲିକ, ଅନୁଗୋଳ, ରିଆମାଳ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେଇଥିଲେ। ସଂଯୋଜକ ବଲ୍ଲଭ ଦେହୁରୀ, ଶତ୍ରୁଘ୍ନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଲକ୍ଷ୍ମୀଧର ପ୍ରଧାନ, ହର୍ଷକିଶୋର ସାହୁ, ଛବି କୁମାର ସାହୁ, ଦାଶରଥୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ତେଲକୋଇ ସଙ୍ଗଠନ ସଭାପତି ବିଜୟ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ସାହିତ୍ୟର କ୍ଷତି ଘଟାଉଛି ଅପସଂସ୍କୃତି

ତାଳଚେର, ୨୧।୩ (ନି.ପ୍ର.)

ବର୍ତ୍ତୁଳୀ ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକ ଉତ୍ସବ ତାଳଚେରଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁସାହିତ୍ୟିକା ପ୍ରତିଭା ମହାରଥୀ, ସମ୍ମାନିତ ଅତିଥି ଭାବେ ଶ୍ରମିକନେତା ସୌଭାଗ୍ୟ ପ୍ରଧାନ ଏବଂ ତାଳଚେର କଳା, ସାହିତ୍ୟ, ସଂସ୍କୃତି କମିଟିର ଆବାହକ ଦୀପକ କୁମାର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ତଥା ନାଟ୍ୟକାର ମୁକୁନ୍ଦ ଶତପଥୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମହାରଥୀ କହିଥିଲେ, ବର୍ତ୍ତମାନର ଅପସଂସ୍କୃତି ହିଁ ସାହିତ୍ୟକୁ ବିଲୋପ କରିବାକୁ ବସିଲାଣି। ଏଣୁ ଆମେ ନିଜ ପରିବାରଠାରୁ ସଂସ୍କାର ଓ ସଂସ୍କୃତିକୁ ବଞ୍ଚାଇଲେ ସାହିତ୍ୟ ଚିରକାଳ ତାର ଶ୍ରେଷ୍ଠତ୍ୱ ବଜାୟ ରଖି ପାରିବ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ଜିତେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସଭାପତି ଯଦୁମଣି ସାହୁ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦିକା ରତ୍ନପ୍ରଭା ବାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଜୀବନ ବ୍ୟାପି ସାଧନା, ତ୍ୟାଗ ପାଇଁ ଚାଟଶାଳୀ ଶିକ୍ଷାଦାତା ତଥା ଜ୍ୟୋତିର୍ବିଷାରଦ ତ୍ରିଲୋଚନ ନାହାକ, ହିଙ୍ଗୁଳା ଦ୍ରଷ୍ଟି ଜଗନମହନ ମାନପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାହିତ୍ୟିକ ଝରଣା ବାରିକ, ଦୀପ୍ତିରାଣୀ ସିଂହ, ବୀଣାପାଣି ସାହୁ, ବିଶ୍ୱଜିତ ମହାନ୍ତି, ଅନୁପମା ପ୍ରଧାନ, ସୁଚିତ୍ରା ସାହୁ, ଗୁଣନିଧି ସାମଲ, ଶୁଭଶ୍ରୀ ଭଞ୍ଜ, ସସ୍ମିତା ମିଶ୍ର, ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାପକ ତ୍ରିନାଥ ସାହୁ, କବି କରୁଣାକର ବାଇ, ଜିତେନ୍ଦ୍ର ମହାପାତ୍ର, ପ୍ରାଧାପିକା କଳ୍ପନା ବୋଇତିଙ୍କ ସଂଯୋଜନାରେ କବିତାପାଠୋତ୍ସବ ବେଶ ମନମୁଗ୍ଧକର ହୋଇଥିଲା। ଅନୁଷ୍ଠାନ ଉପସଭାପତି କଳ୍ପନା ବୋଇତି ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ହମ୍ପ ନିର୍ମାଣ, ଡ୍ରେନ୍ ସଫେଇ ଦାବି

ତାଳଚେର,୨୧।୩(ନି.ପ୍ର)

### ପଞ୍ଚାୟତବାସୀଙ୍କ ତରଫରୁ ପ୍ରଶାସନକୁ ଦାବିପତ୍ର


ଜନ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତବାସୀ ଅଭିଯୋଗ ଦାଖଲ କରୁଛନ୍ତି।

ତାଳଚେର ପଞ୍ଚାୟତ ସମିତି ସଭାଘରଠାରେ ସୋମବାର ଅନୁଷ୍ଠିତ ଅନୁଗୋଳ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଗୁରୁଜାଙ୍ଗୁଲି ଓ ଜଗନ୍ନାଥପୁର ପଞ୍ଚାୟତବାସୀଙ୍କ ତରଫରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ୧୪୯ ନମ୍ବର ଜାତୀୟ ରାଜପଥର ଗୁରୁଜାଙ୍ଗୁଲି ଛକଠାରେ ହମ୍ପ ନିର୍ମାଣ, ଆନନ୍ଦବଜାର ଓ ଲକ୍ଷ୍ମୀ ବଜାର ଛକରେ ଥିବା ଡ୍ରେନଗୁଡିକୁ ତୁରନ୍ତ ସଫା, ଦିଘି ନାଏକ ସାହିରେ ପିଇବା ପାଣିର ସୁବ୍ୟବସ୍ଥା ଓ ହାଟ ପାଖରେ ୨ ରୁ ୩ଟି ପାଣି ଟ୍ୟାପ ଲଗାଇବାକୁ ନିବେଦନ କରାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି, ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ଗ୍ରାମ ମଧ ଦେଇ ୧୪୯ ନମ୍ବର ଜାତୀୟ ରାଜପଥ ଯାଇଛି। ପୂର୍ବରୁ ଗାଁ ଛକ ସ୍କୁଲ ପାଖରେ ଏକ ହମ୍ପ ଥିଲା। କିନ୍ତୁ ବର୍ତ୍ତମାନ ରାସ୍ତା ଉପରେ ପିଚୁ କାମ ହେବା ପରେ ହମ୍ପ ଉଠାଇ ଦିଆଯାଇଛି। ଗ୍ରାମର ବାମ ପାର୍ଶ୍ୱରେ କିଛି ଦୂରତାରେ ଗୁରୁଜାଙ୍ଗୁଲି ପ୍ରାଥମିକ ସ୍କୁଲ ପିଲା ଓ ଜନସାଧାରଣ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏଣୁ ଗୁରୁଜାଙ୍ଗୁଲି ଛକ କିମ୍ବା ଆଶ୍ରମ ନିକଟରେ ପୁନଃ ହମ୍ପ ତିଆରି କରିବାକୁ ଦାବି କରାଯାଇଛି। ସେହିପରି ଥର୍ମାଲ ଲକ୍ଷ୍ମୀ ବଜାରଠାରୁ ଆନନ୍ଦବଜାର ପର୍ଯ୍ୟନ୍ତ ଥିବା ଡ୍ରେନ ସଫା ହେଉ ନ ଥିବାରୁ ଡିଏଭି ସ୍କୁଲଠାରୁ ଆନନ୍ଦବଜାର ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ମଇଳା ପାଣି ଭାସୁଛି। ସନ୍ଥପଡ଼ା, ଗୁରୁଜାଙ୍ଗୁଲି, ଜଗନ୍ନାଥପୁର, ଆନନ୍ଦବଜାର ଓ ଲକ୍ଷ୍ମୀ ବଜାରର ବ୍ୟବସାୟୀମାନେ ଏନଟିପିସି ତାଳଚେର ଥର୍ମାଲ ଜିଏମ୍ ଓ ଏଜିଏମ୍‌ଙ୍କୁ ଅବଗତ କରିଥିଲେ ମଧ ସୁଫଳ ମିଳୁନାହିଁ। ଏଣୁ ଡ୍ରେନ ତୁରନ୍ତ ସଫା କରାଯିବା ପାଇଁ ନିବେଦନ କରାଯାଇଛି। ସେହିପରି ଦିଘି ସାହିକୁ ସରକାରଙ୍କ ତରଫରୁ ପ୍ରାୟ ୧୫ ବର୍ଷ ହେଲାଣି ପାଇପ ପାଣି ଯୋଗାଇ ଦିଆଯାଇଛି। ହେଲେ ଯେଉଁ ପାଇପ ଲାଇନ ସଂଯୋଗ ହୋଇଛି ସେହି ପାଇପରେ ଆଦୌ ପାଣି ଆସୁନାହିଁ। ଲୋକେ ବହୁ ଅଭାବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମଋତୁ ଆସୁଥିବାରୁ ଉପଯୁକ୍ତ ତଦନ୍ତ କରି ସାହିକୁ ପିଇବା ପାଣିର ସୁବ୍ୟବସ୍ଥା ଓ ହାଟ ପାଖରେ ୨ ରୁ ୩ଟି ପାଣି ଟ୍ୟାପ ଲଗାଇବା ପାଇଁ ଦିଘି ନାଏକ ସାହିବାସୀ ନିବେଦନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଟିହୁଲୁ ବେହେରା, ହେମନ୍ତ ଦେହୁରୀ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ନାହାକ, ମାୟାଧର ସାମଲ, ଶିବପ୍ରସାଦ ଭୁକ୍ତା, ଶିଖର ସାମଲ, ବିନୋଦ ସାମଲ, ପ୍ରକାଶ ଚନ୍ଦ୍ର ସାହୁ, ରବି ବେହେରା ଓ ତପନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୨ ମାର୍ଚ୍ଚ, ୨୦୨୩



## ଆଜି ରାଷ୍ଟ୍ରୀୟ ନବବର୍ଷ ପାଳନ

**ଅନୁଗୋଳ ଅଫିସ, ୨୧।୩ :** ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ପକ୍ଷରୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିର ସିଂହଦ୍ୱାର ନିକଟ ସଦ୍‌ଭାବନା ଭବନ ସମ୍ମୁଖରେ ବୁଧବାର ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସନାତନ ସନ୍ଥ ସମିତି ଓ ଗୋବର୍ଦ୍ଧନ ମଠ ପୁରୀର ସଂଯୋଜକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜ, ମୁଖ୍ୟବକ୍ତା ଭାବେ ଏକାମ୍ର ମହାବିଦ୍ୟାଳୟ ଭୁବନେଶ୍ୱରର ପ୍ରାକ୍ତନ ଅଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନ ପୀଠର ରାଷ୍ଟ୍ରୀୟ ମାଗଦର୍ଶକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମିତି ସଭାପତି ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମରେ ଅଧକ୍ଷତା କରିବେ। ପୀଠ ପରିଷଦ ଉପାଧକ୍ଷ ତଥା ସଂଯୋଜକ ପଣ୍ଡିତ ରୋହିତ ଦାଶ ମଞ୍ଚ ପରିଚାଳନା କରିବେ ବୋଲି ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତିର ସମ୍ପାଦକ ଦ୍ୱାରିକା ପ୍ରସାଦ ନନ୍ଦ ସୂଚନା ଦେଇଛନ୍ତି।

## ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା

**ବଅଁରପାଳ,୨୧।୩ (ଡି.ଏନ.ଏ.):** ବଅଁରପାଳ ବ୍ଲକ କନ୍ୟାବେଢ଼ା ଗ୍ରାମର ହରିଜନ ସାହିରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା। ୬୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ କୁକୁଡାଙ୍ଗ ଜୋରରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଯାତ୍ରାସ୍ଥଳରେ ଘଟ ସ୍ଥାପନ କରିଥିଲେ। ଢୋଲ, ନିଶାନ ଓ ବିଭିନ୍ନ ବାଦ୍ୟ ବାଜଣାରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଏହାପରେ ପୂଜା ମଣ୍ଡପରେ ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା, ହୋମଯଜ୍ଞ ସହ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ବୁଧବାର ଦଣ୍ଡ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଛି। କଳସ ଯାତ୍ରାରେ ଅତିଥି ଭାବେ ବିଜୁ ଜନତା ଦଳର ଉପସଭାନେତ୍ରୀ ବବିତା ନାୟକ ଉପସ୍ଥିତ ଥିଲେ। ଯାତ୍ରା କମିଟି ସଭାପତି ମୁକୁନ୍ଦ ନାଏକ, ସମ୍ପାଦକ ଅକ୍ରୁର ନାଏକ, ଦୁଃଖବନ୍ଧୁ ନାଏକ, କେଶବ ନାଏକ, ବିଷ୍ଣୁଚରଣ ସାହୁ, ଦୀପୁ ଦଳେଇ, ପ୍ରଶାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## କୋରିଅର ସଂସ୍ଥାକୁ ଜରିମାନା

**ଅନୁଗୋଳ ଅଫିସ, ୨୧।୩ :** ସେବାରେ ତ୍ରୁଟି ଯୋଗୁ ଜଣେ ଗ୍ରାହକଙ୍କୁ ୩୦ ହଜାର ଟଙ୍କା ଜରିମାନା ଦେବାକୁ ଏକ କୋରିଅର ସଂସ୍ଥାକୁ ଅନୁଗୋଳ ଜିଲା ଖାଉଟି ବିବାଦ ବିଚାର ମଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଏନ୍.କେ. ଇଞ୍ଜିନିୟର୍ସର ଜଣେ ଅଧିକାରୀ ଶିବ ନାରାୟଣ ଦାସ ୫ ଅଗଷ୍ଟ ୨୦୧୬ରେ ୭ଟି ଚିଠି କୋରିୟର ସଂସ୍ଥା ମାଧମରେ ମଧ୍ୟପ୍ରଦେଶରେ ଥିବା ତାଙ୍କ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ଏଥିପାଇଁ ୬୦ ଟଙ୍କା ଦେଇ ମନି ରିଶିପ୍ଟ ନେଇଥିଲେ। କିନ୍ତୁ ୧୨ ଅଗଷ୍ଟ ୨୦୧୬ରେ ପଚାରିବାରୁ ଜଣାଗଲା ଚିଠିଗୁଡ଼ିକ ଠିକଣା ସ୍ଥଳରେ ପହଞ୍ଚିନାହିଁ। ଫୋନ କରିବାରୁ କେବଳ ଆଶ୍ୱାସନା ମିଳିଥିଲା। କିନ୍ତୁ ଚିଠି ଆଉ ପହଞ୍ଚି ନ ଥିଲା। ଅଭିଯୋଗକାରୀ ଦାସ ଏ ନେଇ ୩୦ ଜୁଲାଇ ୨୦୧୮ରେ ଜିଲା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତ ଅନୁଗୋଳସ୍ଥିତ ଶାଖା ଅଫିସ ଓ ବମ୍ବେସ୍ଥିତ ହେଡ୍ ଅଫିସକୁ ନୋଟିସ ଜାରି କରିଥିଲେ। ମାତ୍ର ବାରମ୍ବାର ନୋଟିସ ସତ୍ତ୍ୱେ ସମ୍ପୃକ୍ତ କୋରିଅର ସଂସ୍ଥାର କୌଣସି କର୍ମଚାରୀ ଅଦାଲତରେ ହାଜର ହୋଇ ନ ଥିଲେ। ତେଣୁ ଗତ ୨୨ ଫେବୃୟାରୀ ୨୦୨୩ରେ ଅଦାଲତ ପକ୍ଷରୁ ଅଧକ୍ଷ ସରୋଜ କୁମାର ସାହୁ ଏବଂ ସଦସ୍ୟା ସସ୍ମିତା ରଥ ଶୁଣାଣି କରି ଉକ୍ତ କୋରିଅର ସଂସ୍ଥାକୁ ଏକ ମାସ ମଧ୍ୟରେ ୩୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ଆଡେଭୋକେଟ ଦୀପକ କୁମାର ପାଣି ମକଦ୍ଦମା ପରିଚାଳନା କରୁଥିଲେ।

# ଗେଣ୍ଡୁଫୁଲ ଚାଷ ଦେଇଛି ପରିଚୟ

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୨୧।୩**




ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସାସ୍ଥିତ ପଞ୍ଚାୟତସ୍ତରୀୟ ମହାସଂଘ ଜଗଜ୍ଜନନୀ ଗ୍ରୁପର ୬୦ସଦସ୍ୟ ଚଳିତବର୍ଷ ଗେଣ୍ଡୁଫୁଲ ଚାଷ କରି ସମଗ୍ର ଖଇରା ବ୍ଲକରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅନ୍ୟ ସଂଘଗୁଡିକ ପାଇଁ ମଧ୍ୟ ସ୍ୱାବଲମ୍ବୀ ହେବାର ଏକ ବାର୍ତ୍ତା ମଧ୍ୟ ପ୍ରଦାନ କରିଛନ୍ତି। ତାଙ୍କର ଏହି ଫୁଲ ବଗିଚା ବୁଲିବା ପରେ ନିକଟରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ବିଡିଓ ପର୍ଶୁରାମ ପଣ୍ଡା, ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ମହିଳା ଗୋଷ୍ଠୀର ଏହି ପରିଶ୍ରମ ପାଇଁ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଏଭଳି ପରିଚୟରେ ଆତ୍ମନିର୍ଭରଶୀଳ ହେବାର ସ୍ୱପ୍ନ ଦେଖିଥିବା ସଂଘ ସଭାପତି ଜ୍ୟୋତିପ୍ରଭା ବେହେରା, ସମ୍ପାଦିକା ରାଜଶ୍ରୀ ସାହୁ ଓ ଏମବିକେ ଅନିତାରାଣୀ ମହାନ୍ତି ୫ବର୍ଷ ପାଇଁ ଏହି ଫୁଲ ଚାଷ ଜାରି ରଖିବେ ବୋଲି କହିଛନ୍ତି।

ପ୍ରଥମେ ସଂଘ ସଦସ୍ୟମାନେ ଓଡିଶା ଜୀବିକା ମିଶନର ଅଧିକାରୀଙ୍କ ପରାମର୍ଶକ୍ରମେ ଫୁଲଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ବ୍ୟାଙ୍କରୁ ୧ଲକ୍ଷ ୪୦ହଜାର ଟଙ୍କା ଋଣ ନେଇଥିଲେ। ଉଦ୍ୟାନ ବିଭାଗଠାରୁ ଚାରାନେବା ପରେ ପଳସା ପଞ୍ଚାୟତ ପଛପଟେ ଥିବା ୨ ଏକର ଜମିକୁ ଭଡାସୂତ୍ରରେ ଆଣି ସେଥିରେ ଚାଷ ଆରମ୍ଭ କରିଥିଲେ। ସମସ୍ତ ସଦସ୍ୟ ପରିବାର କାମ ଧନ୍ଦା ସାରିବା ପରେ ମାତ୍ର ୨ଘଣ୍ଟା ଲେଖାଏଁ ସମୟ ଦେଇ ଏହାର ଯତ୍ନ ନେଇଥିଲେ। ଏବେ ଗେଣ୍ଡୁଫୁଲ ଫୁଟି ବାସ୍ନା ଯେତେ ଯେତେ ଦୂରକୁ ଯାଉଛି ଉକ୍ତ ସଂଘର ପ୍ରଶଂସାର ସୁଅ ମଧ୍ୟ ସେହି ଅନୁପାତରେ ବଢିଚାଲିଛି। ସବୁ ଆନନ୍ଦ ଭିତରେ ଫୁଲ ବିକ୍ରି ସମସ୍ୟା ସେମାନଙ୍କୁ ଟିକେ ଅଡୁଆରେ ପକାଇଛି। ଖଇରା, କୁପାରୀ, ଡୁଙ୍ଗୁରା ଭଳି ବଜାରଗୁଡିକରେ ଫୁଲ ବ୍ୟବସାୟୀମାନେ କୋଲକାତା ଉପରେ ଫୁଲ ପାଇଁ ନିର୍ଭର କରୁଛନ୍ତି, ମାତ୍ର ସେହି ମୂଲ୍ୟରେ ସେମାନେ ସଂଘ ନିକଟରୁ ଫୁଲ କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ନେବାକୁ ବାଧ କଲେ କମ ଦରରେ ଦେବାକୁ କହୁଛନ୍ତି ଯାହା ମହିଳା ଗୋଷ୍ଠୀ ପାଇଁ ଅଡୁଆ ହେଉଛି। ତଥାପି ଅନେକ ଘରୋଇ ଲୋକ ନେଇଯାଉଥିବାରୁ ଖର୍ଚ୍ଚ ଭରଣା ହୋଇପାରୁଥିବା ସେମାନେ କହିଛନ୍ତି।

# ଜୋର୍ ଧରିଲା ଆନନ୍ଦପୁର ଜିଲା ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସଙ୍ଗଠନର ଦାବିପତ୍ର

**ଆନନ୍ଦପୁର,୨୧।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡକୁ ଜିଲା ଦାବି ଜୋର ଧରିଛି। ଲୋକଙ୍କ ମୌଳିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାଧାରଣ ଜନତା ଏବେ ଜିଲା ଦାବିର ମଙ୍ଗ ଧରିଛନ୍ତି। ଆନନ୍ଦପୁରର ବିରଷ୍ଠ ନାଗରିକ, ସଚେତନ ନାଗରିକ ଓ ବୁଦ୍ଧିଜୀବୀଙ୍କ ସହିତ ଉପକଣ୍ଠର ଖବରଦାତା, ଆଇନଜୀବୀ ଦାବିର ଗୁରୁତ୍ୱକୁ ଯଥାର୍ଥ ପ୍ରତିପାଦିତ କରିବା ପାଇଁ ସାମିଲ ହୋଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଆନନ୍ଦପୁରର ଆରାଧ୍ୟ ଦଧିବାମନଜୀଉ ମନ୍ଦିର ପରିସରରୁ ଦସ୍ତଖତ ଅଭିଯାନରେ ସାମିଲ ହୋଇ ଆନନ୍ଦପୁରର ବରିଷ୍ଠ ନାଗରିକ ପ୍ରଫେସର ରମାକାନ୍ତ ନାୟକ, ମହେଶ୍ୱର ସାହୁ, ରଘୁନାଥ ପଣ୍ଡିତ, ଦୁର୍ଗାଚରଣ ଦଳେଇ, ନିରାକାର ଦଳେଇ, ଅଶୋକ ସାହୁ, ଓକିଲ ସଂଘର ପୂର୍ବତନ ସଭାପତି ଦୟାନିଧି ଦାଶ, ପୂର୍ବତନ ସମ୍ପାଦକ ହେମନ୍ତ ମଲ୍ଲିକ, ଆଇନଜୀବୀ ଭାଗିରଥି ଦାଶ, ଶୈଳେଶ ପଟ୍ଟନାୟକ, ଖବରଦାତା ମଦନ ପାଣି, ଲଲାଟେନ୍ଦୁ ଧିର, ସନ୍ତୋଷ ରାଉତ, କିରଣ ପାଢ଼ୀ, ଗୋପାଳ କୃଷ୍ଣ ରାଉତ, କିଶୋର ଚନ୍ଦ୍ର ଆଚାର୍ଯ୍ୟ, ନିର୍ମଳ ରାଉଳ, ରଞ୍ଜିତ ରଣାଙ୍କ ସମେତ ପୌରାଧକ୍ଷା ରଜନୀରାଣୀ ଖଟୁଆ, କାଉନ୍‌ସିଲର କୃଷ୍ଣ ଚନ୍ଦ୍ର ରଣା, ସନତ କର, ସୁରେନ୍ଦ୍ର ଦାସ, ରଶ୍ମୀତା ବାରିଙ୍କ ସମେତ ବହୁ କାଉନ୍‌ସିଲର ହାଟଡ଼ିହୀ ବ୍ଲକ୍‌ରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସାମିଲ ହୋଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଭୌଗଳିକ ଦୃଷ୍ଟିକୋଣ ହେଉ କି ଭାଷାଗତ, ସାଂସ୍କୃତିକ, ଐତିହ୍ୟ, ପରମ୍ପରା ଦୃଷ୍ଟିକୋଣରୁ ଆନନ୍ଦପୁର ଉପଖଣ୍ଡ ଓ କେନ୍ଦୁଝର ମଧ୍ୟରେ ଅନେକ ତାରତମ୍ୟ ରହିଛି। ଆନନ୍ଦପୁର ସଦର ମହକୁମାଠାରୁ ୯୦ କି.ମି ଦୂର ଏବଂ ଉପଖଣ୍ଡର ସୀମାଠାରୁ ୧୨୦ କି.ମି ଦୂରରେ ଅବସ୍ଥିତ ଜିଲା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରାଯିବା କଷ୍ଟସାଧ ହେଉଥିବା କହିଥିଲେ।

# ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ ବିକ୍ଷୋଭ

**ଚମ୍ପୁଆ, ୨୧।୩ (ଡି.ଏନ୍.ଏ)**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ କେନ୍ଦୁଝର ଜିଲା ଚମ୍ପୁଆରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିକ୍ଷୋଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଶର୍ମା, ଚମ୍ପୁଆ ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯୁବମୋର୍ଚ୍ଚାର ପ୍ରାୟ ୨୦୦ ସଦସ୍ୟ ଚମ୍ପୁଆ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହ ମହାବୀର ଛକଠାରେ କୁଶପୁତ୍ତଳିକା ଦାହ କରିଥିଲେ। ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳାଯାଉଥିବା ଅଭିଯୋଗ କରି ସ୍ଲୋଗାନ ଦେଇଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହତାବ ଆଲାମ, ହେମନ୍ତ ମହାନ୍ତ, ପଙ୍କଜ ମହାନ୍ତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ଥିଲେ।

# ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା




**ଢେଙ୍କାନାଳ ଅଫିସ, ୨୧।୩**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ପ୍ରାଥମିକକୃଷିସମବାୟ କେନ୍ଦ୍ର ପରିସରରେ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ସଞ୍ଜୀବ କୁମାର ସାମଲ ସଭାପତିତ୍ୱ କରିଥିଲେ। ଚାଷୀମାନଙ୍କ ପାଇଁ ସମବାୟ ସମିତିରେ ରହିଥିବା ସୁବିଧାସୁଯୋଗ, ଋଣ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଚାଷୀ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ଏବଂ ଋଣ ନେଇ ଠିକ୍ ଭାବେ ପରିଶୋଧ କରିବେ, ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ସମିତି ପକ୍ଷରୁ ଆରମ୍ଭ ହୋଇଥିବା ବ୍ୟାଙ୍କିଙ୍ଗ୍ ସେବାର ସୁଯୋଗ ନେବାକୁ ପରାମର୍ଶ ଦିଆଯାଇଛି।

ଡିଆର୍‌ସିଏସ୍ ସରୋଜିନୀ ଜେନା, ଏୟୁସିବି ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ମଲ୍ଲିକ, ଅଭିମନ୍ୟୁ ବେହେରା, ଶାଖା ପରିଚାଳକ ସିଦ୍ଧପ୍ରଜ୍ଞ ନାୟକ, ସୁପରଭାଇଜର ସୁଜିତ ବେହେରା, ଗ୍ରାମସେବକ ଆଲୋକ ରଞ୍ଜନ ପାଣିଗ୍ରାହୀ, ସମବାୟ ନିରୀକ୍ଷକ ତ୍ରିନାଥ ମୁଦୁଲି, କରମୂଳ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସୁରେଶ ଚନ୍ଦ୍ର ତରାଇ, ସମ୍ପାଦକ ରାକେଶ ରୋଶନ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ ପୂର୍ବତନ ସଭାପତି ପଙ୍କଜ ଲୋଚନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କ ସହାୟକ ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିଲେ।

# ଖାଣ୍ଡିଆଘାଇ ବ୍ରିଜ ନିର୍ମାଣରେ ଅନିୟମିତତା

**ରୂପସା, ୨୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ନିର୍ମାଣାଧୀନ ଖାଣ୍ଡିଆଘାଇ ବ୍ରିଜର ସ୍ଥାୟିତ୍ୱ ନେଇ ଆଶଙ୍କା ଦେଖାଦେଇଛି। ନିମ୍ନମାନର ବାଲିରେ ବ୍ରିଜର କଲମ ଓ ବେସ ଢଳେଇ ହେଉଥିବାରୁ ଓଡ଼ିଶା ସରକାରଙ୍କ ବିଜୁ ସେତୁ ଯୋଜନା ଏଠି ଫେଲ୍ ମାରିଛି। ଠିକାଦାର ଓ ବିଭାଗୀୟ ଜେଇଙ୍କ ସଲାସୁତୁରାରେ ଏହି ବ୍ରିଜ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତାକୁ ବିରୋଧ କରି ପୂର୍ବତନ ସରପଞ୍ଚ ମଦନମୋହନ ଯେନା, ପୂର୍ବତନ ସମିତିସଭ୍ୟ ପେଟୁ ସିଂ ଓ ରୀନା ନାୟକ, ପୂର୍ବତନ ସମବାୟ ସମିତି ସଭାପତି ସନ୍ତୋଷ ବାରିକ୍, କଂଗ୍ରେସ ପଞ୍ଚାୟତ ସଭାପତି ଚକ୍ରଧର ମହାନ୍ତି, ନିଜାମ ଖାନ, ମାଧବ ବାରିକ, ବନମାଳୀ ମହାନ୍ତି, ମଧୁ ସିଂ, ମନୋରଞ୍ଜନ ମହାନ୍ତି, ହରେକୃଷ୍ଣ ଦାସ ପ୍ରମୁଖ ୫-ଟି ସଚିବ, ଜିଲାପାଳ,


ନିର୍ମାଣାଧୀନ ଖାଣ୍ଡିଆଘାଇ ବ୍ରିଜ।

ୱାର୍କସ ସେକ୍ରେଟାରୀ ଓ ବାଲେଶ୍ୱର ଚିଫ୍ କନଷ୍ଟ୍ରକ୍ସନ ମ୍ୟାନେଜରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ପିଡବ୍ଲ୍ୟୁଡି ଓ ଆର୍‌ଡ଼ି ରାସ୍ତାର ଗଡ଼ପଦା-ଲଚ୍ଛମନଖୁଣ୍ଟା ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ଅଟକଳ ମୂଲ୍ୟ ୧କୋଟି ୬୭ଲକ୍ଷ ୫୮ହଜାର ୯୭୦ ଟଙ୍କା। ଠିକାଦାର ଅର୍ଜୁନ ଟୁଡୁଙ୍କ ନାମରେ ଟେଣ୍ଡର ପ୍ରଦାନ କରାଯାଇଛି। କାର୍ଯ୍ୟାରମ୍ଭ ଦିବସ ୨୦।୧।୨୨ ଥିବା ବେଳେ କାର୍ଯ୍ୟ ଶେଷ ଦିବସ ୯।୨।୨୩ ରଖି ଥିଲା। କିନ୍ତୁ ବହୁ ବିଳମ୍ବରେ ନିର୍ମାଣ କାର୍ଯ୍ୟ ଆରମ୍ଭ ଯୋଗୁ ଅସନ୍ତୋଷ ଦେଖାଦେଇଛି। କାଦୁଅ, ମାଟି ଗୋଡ଼ି, ପଟୁ ମିଶା ବାଲି ଢଳେଇରେ ବ୍ୟବହାର ହେଉଛି। ଢଳେଇରେ ବ୍ୟବହୃତ ମେଟାଲ ଓ ଚିପ୍ସ

## ବ୍ୟବହାର ହେଉଛି ନିମ୍ନମାନର ବାଲି

ଅତ୍ୟନ୍ତ ନିମ୍ନମାନର। ଭାଇବ୍ରେଟର ବ୍ୟବହାର ହେଉନାହିଁ। ଏପରିକି ଠିକାଦାର ଓ ଯନ୍ତ୍ରୀଙ୍କ ବିନା ଉପସ୍ଥିତିରେ ବିଜୁ ସେତୁ ଯୋଜନାର ନିର୍ମାଣ କାର୍ଯ୍ୟ ହେଉଥିବା ସମସ୍ତଙ୍କୁ ଚକିତ କରିଛି।

ପଞ୍ଚାୟତ କଂଗ୍ରେସ ସଭାପତି ଚକ୍ରଧର ମହାନ୍ତି କହନ୍ତି, ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀ, ଠିକାଦାରଙ୍କ ସଲାସୁତୁରା ଯୋଗୁ ବ୍ୟାପକ ଅର୍ଥ ହେରଫେର ହେଉଛି। ନିର୍ମାଣ ନ ସରୁଣୁ ପୋଲ ଭୁଶୁଡ଼ି ପଡ଼ିବା ସୁନିଶ୍ଚିତ।

ଆର୍‌ଡି ବିଭାଗ ଏସ୍‌ଡ଼ିଓ ସୁମିତ ମିଞ୍ଜଙ୍କୁ ପଚରାଯିବାରୁ ସେ କହିଛନ୍ତି, ପ୍ଲାନ ଏଷ୍ଟିମେଟ୍ ମୁତାବକ ଗାଇଡ଼ଲାଇନ୍ ଅନୁଯାୟୀ ବ୍ରିଜ ନିର୍ମାଣ ହେବ। ଅନିୟମିତତା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

## ଏଏସ୍‌ଆଇ ନିଲମ୍ବିତ

**କୁଳିଅଣା,୨୧।୩(ଡି.ଏନ.ଏ.)**

ଲୁହା ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଏଏସ୍‌ଆଇ ମହେଶ୍ୱର ସ୍ୱାଇଁଙ୍କୁ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ପ୍ରକାଶ ଯେ, ବାଲିମୁଣ୍ଡୁଳି ଛକଠାରେ ଥିବା ଲୁହା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ଗ୍ୟାସ କଟର ଦ୍ୱାରା କାଟି ନେଉଥିବା ସମୟରେ ୩ ଜଣ ଗିରଫ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୪୩/୨୩) ରୁଜୁ ହୋଇଥିଲା। ଗିରଫ ଅଭିଯୁକ୍ତ କୁଳିଅଣା ଥାନା ଅଧୀନ ସହରୀ ଗ୍ରାମର ରାଜେନ୍ଦ୍ର ନାଏକ, ବୈଲୋଚନ ନାଏକ ଏବଂ କମତା ଗ୍ରାମର ରିପୁ ବାରିକଙ୍କୁ ପଚରା ଉଚରା ସମୟରେ ଏହି ଚୋରି ଘଟଣାରେ ଏଏସ୍‌ଆଇ ସ୍ୱାଇଁଙ୍କ ହାତଥିବା ଜଣାପଡ଼ିଥିଲା। ଏ ବିଷୟରେ ଥାନା ଆଇଆଇସି ଦୁର୍ଯ୍ୟୋଧନ ନାଏକ ଏସ୍‌ପିଙ୍କୁ ଜଣାଇବା ପରେ ଏଏସ୍‌ଆଇ ସ୍ୱାଇଁଙ୍କୁ ନିଲମ୍ବନ କରାଯାଇଛି।

# ଛାତ୍ରୀ ସୁରକ୍ଷିତ ରହିଲେ ଦେଶ ସୁରକ୍ଷିତ ରହିବ

**ବଇଣ୍ଡା,୨୧।୩(ଡି.ଏନ.ଏ.)**

ଛାତ୍ରୀମାନେ ସୁରକ୍ଷିତ ରହିଲେ ଦେଶ ସୁରକ୍ଷିତ ରହିବ ବୋଲି ମଙ୍ଗଳବାର ଆଠମଲ୍ଲିକ ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ କନ୍ତପଡା ପରିସରରେ ଅନୁଷ୍ଠିତ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟନୀ ଦିବସରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ଅନିଲ ସାହୁ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ୩୪ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପାଇକସାହି ରାଧାମାଧବ ହାଇସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ମୋନାଲିସା ସାହୁ, ଶିକ୍ଷୟିତ୍ରୀ ରେଣୁକା ମାଝି ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନେ କିଭଳି ବିପଦରୁ ରକ୍ଷାପାଇବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।



# ଜିନ୍‌ଗତ ରୋଗ ସମ୍ପର୍କିତ ସଚେତନତା

**ଢେଙ୍କାନାଳ ଅଫିସ, ୨୧।୩**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ 'ପ୍ରିୟ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ଫିଜିଓଥେରାପି ସେଣ୍ଟରରେ ମଙ୍ଗଳବାର ୱାର୍ଲ୍ଡ ଡାଉନ୍‌ସିଣ୍ଡ୍ରୋମ୍ ଡେ' ପାଳିତ ହୋଇଯାଇଛି। ଡାଉନ୍ ସିଣ୍ଡ୍ରୋମ୍ ହେଉଛି ଏକପ୍ରକାର ଜେନେଟିକ୍ ବ୍ୟତିକ୍ରମ। ମୁଖ୍ୟତଃ ଗର୍ଭାବସ୍ଥାରେ ଏଥିରେ ଆକ୍ରାନ୍ତ ହେବାରେ ଆଶଙ୍କା ବେଶି। ଏଥିରେ ଆକ୍ରାନ୍ତ ହୋଇଥିବା ଶିଶୁ ଶରୀରର ପୂର୍ଣ୍ଣାଙ୍ଗ ବିକାଶ ହୋଇ ନ ଥାଏ। ମୁଖ ଗଠନରେ ବ୍ୟତିକ୍ରମ ଦେଖାଯାଏ। ବୟସ ଅନୁଯାୟୀ ବୁଦ୍ଧି ବିକଶିତ ହୁଏନାହିଁ। ତେବେ ଗର୍ଭାବସ୍ଥାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ଏବେ ରୋଗ ଚିହ୍ନଟ କରାଯାଇପାରୁଛି। ସୁରକ୍ଷିତ ଉପାୟରେ ଗର୍ଭପାତ ମଧ୍ୟ ହୋଇପାରୁଛି।



ଶିବିରରେ ମାନସିକ ଅନଗ୍ରସର ଶିଶୁମାନେ।

ଗ୍ରାମାଞ୍ଚଳର ଗର୍ଭବତୀମାନେ ଏ ଦିଗରେ ଯଥେଷ୍ଟ ସଚେତନ ହେବାର ଆବଶ୍ୟକତା ରହିଛି। ଫଳରେ ସେମାନେ ସୁସ୍ଥ ଓ ନୀରୋଗ ଶିଶୁ ପ୍ରସବ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ଭାବେ ଫିଜିଓ ଥେରାପିଷ୍ଟ ନିବେଦିତା ନାୟକ, ସମ୍ମାନିତ ଅତିଥି 'ପ୍ରିୟ'ର ନିର୍ଦ୍ଦେଶକ ଟଙ୍କଧର ବାରିକ, ଇଲନ୍‌ପ୍ରଭା ସେନାପତି, ସୌଭାଗ୍ୟଲକ୍ଷ୍ମୀ ତରାଇ, ସ୍ୱାଗତିକା ରାଉତ, ଅନ୍ନପୂର୍ଣ୍ଣା ଧଳ, ପଙ୍କଜିନୀ ବେହେରା, ବୈକୁଣ୍ଠନାଥ ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଶିଶୁ ମନୋଜ କୁମାର ସାହୁଙ୍କ ଜନ୍ମଦିନ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ମହିଳା ଉପସ୍ଥିତ ଥିଲେ।

